بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୧ ସେପ୍ଟେମ୍ବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନର ବିଶ୍ୱାସବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ୱଲଜ୍ୱାଲ୍ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଶୁକ୍ରବାର ଦିନ ହୁଜୁର[ସ.ଅ]ଙ୍କର **ତଓ୍ୱକୁଲ୍ ଅଲ୍ଲାଃ** (ଅଲ୍ଲାଃଙ୍କ ଉପରେ ଭରସା କରିବା) ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଥିଲା । ଆଜି ମଧ୍ୟ ଏହି ବିଷୟ ଆଲୋଚନା କରିବି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ନିଜ ପାଇଁ **ତଓ୍ୱକୁଲ୍** ସମ୍ବନ୍ଧରେ କିପରି ଦୁଆ କରୁଥିଲେ, ଏହି ବିଷୟରେ ଗୋଟିଏ **ରିଓ୍ୱାୟତ୍** (ବର୍ଣ୍ଣନା) ରହିଛି । ହଜରତ ଜାବିର୍ ବିନ୍ ଅବ୍ଦୁଲ୍ଲାଃ[ର.ଅ] ବର୍ଣ୍ଣନା କରନ୍ତି, ଯେତେବେଳେ ହୁଜୁର[ସ.ଅ] **ରୁକୁ** (ମୁଦ୍ରା)କୁ ଯାଉଥିଲେ ସେତେବେଳେ ଏହି ଦୁଆ କରୁଥିଲେ, ହେ ଅଲ୍ଲାଃ! ମୁଁ ତୁମ୍ଭ ପାଇଁ ହିଁ **ରୁକୁ** କଲି, ତୁମ୍ଭ ଉପରେ ହିଁ **ଈମାନ୍** (ବିଶ୍ୱାସ) ଆଣିଲି, ନିଜକୁ ତୁମ୍ଭ ନିକଟରେ ସମର୍ପଣ କଲି ଓ ତୁମ୍ଭ ଉପରେ ଭରସା କଲି । ତୁମ୍ଭେ ହିଁ ମୋର ପ୍ରଭୁ, ମୋର ସ୍ୱାମୀ । ମୋର ଶ୍ରବଣ ଶକ୍ତି, ଦୃଷ୍ଟି ଶକ୍ତି, ରକ୍ତ, ମାଂସ, ହାଡ଼ ଓ ସ୍ନାୟୁ ସବୁ କିଛି ତୁମ୍ଭଙ୍କ ସମକ୍ଷ ଆନତ ହୋଇଯାଇଛି, ଏକା ତୁମ୍ଭେ ହିଁ ସକଳ ଜଗତର ପାଳନକର୍ତ୍ତା ।

ଅନ୍ୟ ଏକ ବର୍ଣ୍ଣନାରେ ହଜରତ ଅବୁ ହୁରୈରାଃ[ର.ଅ] ବର୍ଣ୍ଣନା କରନ୍ତି, ନବୀ କରିମ୍[ସ.ଅ] କହିଲେ; ଯେତେବେଳେ ବି ମୋତେ କୌଣସି ଚିନ୍ତା ବା ସମସ୍ୟା ଆସେ ଜିବ୍ରାଇଲ୍ ମୋ ଆଗରେ ପ୍ରକଟ ହୁଅନ୍ତି ଓ କୁହନ୍ତି; ହେ ମୁହମ୍ମଦ[ସ.ଅ]! ଆପଣ କୁହନ୍ତୁ– ମୁଁ ସେହି ଜୀବନ୍ତ ସତ୍ତା ଉପରେ ଭରସା କଲି, ଯିଏ କଦାପି ମରିବେ ନାହିଁ । ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ କାହାକୁ ପୁତ୍ର ଭାବେ ଗ୍ରହଣ କରି ନାହାନ୍ତି । ଯାହାଙ୍କ ରାଜତ୍ୱରେ କେହି ସହଭାଗୀ ନାହାନ୍ତି, ଆଉ ନା ତାଙ୍କୁ କୌଣସି ସାଥୀର ଆବଶ୍ୟକତା ରହିଛି ଏବଂ ଯାହାଙ୍କୁ ଦୁର୍ବଳତା କାରଣରୁ କୌଣସି ସାଥୀ ବା ସାହାଯ୍ୟକାରୀର ଆବଶ୍ୟକତା ପଡି ନଥାଏ । ହେ ନବୀ! ତୁମ୍ଭେ ପୂର୍ଣ୍ଣ ମହିମାର ସହ ତାଙ୍କର ବଡପଣ ବର୍ଣ୍ଣନା କରନ୍ତୁ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହୁଜୁର[ସ.ଅ] ସର୍ବଦା କେବଳ ଅଲ୍ଲାଃତାଲାଙ୍କ ଉପରେ ହିଁ ନଜର ରହୁଥିଲା । ହୁଜୁର[ସ.ଅ]ଙ୍କର ଏହି ଗୁଣର ଉଚ୍ଚତମ ସ୍ତର ସମ୍ବନ୍ଧରେ ଉଲ୍ଲେଖ କରି ହଜରତ ମୁସଲେହ ମଉଦ[ର.ଅ] ଗୋଟିଏ ଭାଷଣରେ ବର୍ଣ୍ଣନା କରିଛନ୍ତି, ରସୁଲ[ସ.ଅ]ଙ୍କର ନିଜ ଈଶ୍ୱରଙ୍କ ଉପରେ ଏଭଳି ପ୍ରଗାଢ଼ ବିଶ୍ୱାସ ଥିଲା, ଯେ ପ୍ରତ୍ୟେକ ବିପଦ ଓ ଅସୁବିଧା ସମୟରେ ସେ କେବଳ ତାଙ୍କ ଉପରେ ହିଁ ନଜର ରଖୁଥିଲେ ଏବଂ ତାଙ୍କ ବ୍ୟତୀତ ଅନ୍ୟ ସବୁକିଛିରୁ ଧ୍ୟାନ ହଟାଇ ଦେଉଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ହୁଜୁର[ସ.ଅ] ଆଜିକାଲି ସୁଫୀମାନଙ୍କ ପରି ସାଧନ ଅର୍ଥାତ୍ ଉପାୟଗୁଡ଼ିକୁ ପରିତ୍ୟାଗ କରୁ ନଥିଲେ । ସେ ସାଧନଗୁଡ଼ିକର ବ୍ୟବହାର କରୁଥିଲେ, କାରଣ ସାଧନଗୁଡ଼ିକୁ ବର୍ଜନ କରିବା ଅର୍ଥ ଅଲ୍ଲାଃଙ୍କ ସୃଷ୍ଟିର ଅନାଦର କରିବା ଓ ତାଙ୍କ ସୃଷ୍ଟିକୁ ନିରର୍ଥକ ମଣିବା ସଦୃଶ । କିନ୍ତୁ ସାଧନର ଉପଯୋଗ କରିବା ପରେ ମହାଭାଗ ସମ୍ପୂର୍ଣ୍ଣ ରୂପେ ଅଲ୍ଲାଃଙ୍କ ଉପରେ ହିଁ ଭରସା କରୁଥିଲେ । ସାଧନ ବ୍ୟବହାର କରୁଥିଲେ ସତ, କିନ୍ତୁ ସେଗୁଡ଼ିକ ଉପରେ କେବେ ବି ଆସ୍ଥା ପୋଷଣ କରୁ ନଥିଲେ । ବରଂ କେବଳ ଅଲ୍ଲାଃଙ୍କ ଅନୁଗ୍ରହ ଓ କୃପାର ଆଶାୟୀ ରହୁଥିଲେ । ହଜରତ ଇବ୍‌ନେ ଅବ୍‌ବାସ[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] ପ୍ରତ୍ୟେକ ଭୟ ବା ବ୍ୟାକୁଳତା ସମୟରେ କହୁଥିଲେ; لَآ اِلٰهَ اِلَّا هُوَ رَبُّ الْعَرْشِ الْعَظِيْمِ لَآ اِلٰهَ اِلَّا هُوَ رَبُّ السَّمٰوٰتِ وَرَبُّ

الْاَرْضِ وَرَبُّ الْعَرْشِ الْكَرِيْمِ ଅର୍ଥାତ୍ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ନାହାନ୍ତି ସେ ମହାନ ଅର୍ଶର ପ୍ରଭୁ । ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ନାହାନ୍ତି, ସେ ଆକାଶମଣ୍ଡଳର ପାଳନକର୍ତ୍ତା, ପୃଥିବୀର ମଧ୍ୟ **ରବ୍** (ସ୍ୱାମୀ) ଓ ମହିମାସମ୍ପନ୍ନ ଅର୍ଶର ପ୍ରଭୁ । ମୋର ସମସ୍ତ ଭରସା ଓ ଆସ୍ଥା କେବଳ ଅଲ୍ଲାଃତାଲାଙ୍କ ଉପରେ ହିଁ ରହିଛି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବିଭିନ୍ନ ଅବସରରେ ମକ୍କାର **ମୁଶରିକ୍** (ଅନେକଶ୍ୱରବାଦୀ)ମାନେ ହୁଜୁର[ସ.ଅ]ଙ୍କୁ ପ୍ରଲୋଭନ ଦେଉଥିଲେ । କିନ୍ତୁ ନବୀ କରିମ୍[ସ.ଅ] କେବଳ ନିଜ ସୃଷ୍ଟିକର୍ତ୍ତାଙ୍କ ଉପରେ ଭରସା ରଖି ତାହାର ଉତ୍ତର ଦେବା ପ୍ରସଙ୍ଗରେ ଉଲ୍ଲେଖ କରି କହିଛନ୍ତି, ଏହି ଐତିହାସିକ ଘଟଣାର ନକ୍ସା ଟାଣି ହଜରତ ମୁସଲେହ ମଉଦ[ର.ଅ] ବର୍ଣ୍ଣନା କରନ୍ତି; ଯେ ଯେତେବେଳେ ପୁଣ୍ୟଶ୍ଳୋକ ଅଲ୍ଲାଃତାଲାଙ୍କର ଏକେଶ୍ୱରବାଦ ସମ୍ବନ୍ଧରେ ଲୋକଙ୍କୁ ଉପଦେଶ ଦେବା ଓ **ଶିର୍କ**ର ଖଣ୍ଡନ କରିବା ଆରମ୍ଭ କଲେ । ସେତେବେଳେ ମକ୍କାବାସୀ ଏହି କଥାକୁ ଅତ୍ୟନ୍ତ ନାପସନ୍ଦ କଲେ ଏବଂ ଶେଷରେ ଦିନେ ସେମାନେ ଆପୋସ ପରାମର୍ଶ କରି ଗୋଟିଏ ପ୍ରତିନିଧି ଦଳ ରୂପେ ହୁଜୁର[ସ.ଅ]ଙ୍କ ଚଚା ଅବୁ ତାଲିବ୍‌ଙ୍କ ନିକଟକୁ ଆସିଲେ । ସେମାନେ କହିଲେ; ଆପଣ ଆମ ସମ୍ପ୍ରଦାୟର ସର୍ଦ୍ଦାର ଆମେ ଆପଣଙ୍କୁ ବହୁତ ସମ୍ମାନ କରୁ ଓ ଆପଣଙ୍କ ଯୋଗୁଁ ଆମେ ଆପଣଙ୍କ ପୁତୁରାକୁ କିଛି କହୁ ନାହୁଁ । କିନ୍ତୁ ଏବେ ମାମଲା ସୀମା ପାର ହୋଇଯାଇଛି, ଆମେ ଆପଣଙ୍କ ପାଖକୁ ଏଥିପାଇଁ ଆସିଛୁ ଯେ ଆପଣ ଆମ ତରଫରୁ ତାଙ୍କୁ ଶେଷ କଥା କହି ଦିଅନ୍ତୁ ।

ପୁଣି ସେମାନେ ସେହି କଥାର ପୁନରାବୃତ୍ତି କଲେ ଯାହା ଉତ୍‌ବା ବିନ୍ ରବିଆ ହୁଜୁର[ସ.ଅ]ଙ୍କୁ କହିଥିଲା । ଅର୍ଥାତ୍ ଉଚ୍ଚ ଘରୋଇ ପ୍ରଲୋଭନ, ସବୁଠାରୁ ସୁନ୍ଦରୀ କନ୍ୟା ସଙ୍ଗେ ବିବାହ ଦେବା, ଟଙ୍କା ପଇସା ଓ ଧନସମ୍ପତ୍ତି ଏବଂ ଶାସନ କ୍ଷମତାର ଲୋଭ ଇତ୍ୟାଦି । ଏସବୁ ଦେଇ ସେମାନେ କହିଲେ; କିନ୍ତୁ ତାଙ୍କୁ କୁହନ୍ତୁ ଯେ ସେ ଅତି କମ୍‌ରେ ଆମ ମୂର୍ତ୍ତିଗୁଡ଼ିକୁ ଖରାପ ନକୁହନ୍ତୁ । ଆମେ ତାଙ୍କୁ ଆମ ଉପାସ୍ୟ ଦେବତାମାନଙ୍କୁ ମାନିବାକୁ କହୁନାହୁଁ । ବରଂ କେବଳ ଏତିକି କହୁଛୁ ଯେ ଆମ ମୂର୍ତ୍ତିଗୁଡ଼ିକର ଅସମ୍ମାନ ନକରନ୍ତୁ । ଯଦି ସେ ଆମର ଏହି କଥା ବି ନମାନନ୍ତି ତେବେ ଆପଣ ତାଙ୍କ ପୃଷ୍ଠପୋଷକତା ଛାଡ଼ି ଦିଅନ୍ତୁ । ଆମେ ନିଜେ ତାଙ୍କ କଥା ବୁଝିନେବୁ । ଅବୁ ତାଲିବ୍ ହୁଜୁର[ସ.ଅ]ଙ୍କୁ ଡ଼ାକାଇଲେ ଓ ସେମାନଙ୍କ ପ୍ରସ୍ତାବ ସମ୍ବନ୍ଧରେ ମହାଭାଗଙ୍କୁ ଅବଗତ କଲେ ଯେ ଆପଣ ଯାହା ବି ଦାବି କରିବେ ତାହା ସେମାନେ ପୂରଣ କରିବାକୁ ପ୍ରସ୍ତୁତ ଅଛନ୍ତି, ତାହା ବଦଳରେ ଆପଣ କେବଳ ସେମାନଙ୍କ ମୂର୍ତ୍ତିଗୁଡ଼ିକୁ ଖରାପ ନକୁହନ୍ତୁ । ଯେତେବେଳେ ହୁଜୁର[ସ.ଅ] ନିଜ ଚଚାଙ୍କ ବିବଶ ପୂର୍ଣ୍ଣ ଅବସ୍ଥା ଦେଖିଲେ, ତାଙ୍କର ଉପକାରଗୁଡ଼ିକୁ ମନେପକାଇ ଆପଣଙ୍କ ପବିତ୍ର ଚକ୍ଷୁରେ ଲୁହ ଆସିଗଲା । କିନ୍ତୁ ହୁଜୁର[ସ.ଅ] କହିଲେ; ହେ ମୋର ଚଚା ! ମୁଁ ଆପଣଙ୍କୁ ନିଜର ସାହାଯ୍ୟ କରିବାକୁ କହୁ ନାହିଁ, ଆପଣ ନିଃସନ୍ଦେହରେ ନିଜ ଜାତି ସାଥିରେ ରୁହନ୍ତୁ ଓ ମୋତେ ଛାଡ଼ି ଦିଅନ୍ତୁ । ଅଲ୍ଲାଃତାଲାଙ୍କ ରାଣ ! **ଯଦି ସେମାନେ ମୋର ଦକ୍ଷିଣ ହସ୍ତରେ ସୂର୍ଯ୍ୟ ଓ ବାମ ହସ୍ତରେ ଚନ୍ଦ୍ରମାକୁ ଆଣି ରଖି ଦିଅନ୍ତି । ତଥାପି ମୁଁ ଅଲ୍ଲାଃଙ୍କ ବାର୍ତ୍ତା ପ୍ରଚାର କରିବାରୁ ଓହରିବି ନାହିଁ ।**

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ସର୍ବଶକ୍ତିମାନ ଅଲ୍ଲାଃଙ୍କ ଉପରେ ଅଗାଢ଼ ବିଶ୍ୱାସର ଏପରି ସ୍ତର ଯାହାକି ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ମିଳୁ ନାହିଁ । ଏହି ଘଟଣା ଉଲ୍ଲେଖ କରି ଯୁଗାବତାର ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଯେତେବେଳେ ଏହି ଆୟତଗୁଡ଼ିକ ଅବତୀର୍ଣ୍ଣ ହେଲା ଯେ ମୁଶରିକ୍‌ମାନେ ଅପବିତ୍ର, ସବୁଠାରୁ ନିକୃଷ୍ଟ ସୃଷ୍ଟି ଅର୍ଥାତ୍ ମୂର୍ଖ ଲୋକ ଓ ଶୈତାନର ବଂଶଧର... ଏବଂ ସେମାନେ ନିଆଁର ଇନ୍ଧନ । ସେତେବେଳେ ଅବୁ ତାଲିବ୍ ରସୁଲେ କରିମ୍[ସ.ଅ]ଙ୍କୁ ଡ଼ାକାଇ କହିଲେ; ହେ ମୋର ପୁତୁରା ! ଏବେ ତୁମର କଠୋର ବାକ୍ୟ ଯୋଗୁଁ ସମ୍ପ୍ରଦାୟର ଲୋକେ ଅତ୍ୟନ୍ତ ଉତ୍ତେଜିତ ହୋଇ ଉଠିଛନ୍ତି ଏବଂ ଏହା ନିକଟତର ଯେ ସେମାନେ ତୁମକୁ ହତ୍ୟା କରିଦେବେ ଓ ଏଥିସହିତ ମୋର ମଧ୍ୟ କାମ ତମାମ କରିଦେବେ । ତୁମେ ସେମାନଙ୍କର ବୁଦ୍ଧିମାନ ଲୋକମାନଙ୍କୁ **ସଫୀୟା** (ନିର୍ବୋଧ) ଘୋଷଣା କଲ । ସେମାନଙ୍କର ଗୁରୁଜନମାନଙ୍କୁ ନିକୃଷ୍ଟ କହିଲ, ସେମାନଙ୍କର ପୂଜନୀୟ ଉପାସ୍ୟମାନଙ୍କ ନାମ **ହୀଜମ୍-ଏ-ଜହନ୍ନମ୍** ଅର୍ଥାତ୍ ନର୍କର ଇନ୍ଧନ ଓ **ଓ୍ୱକୁଦୁନ୍ନାର୍** ରଖିଲ । ସାଧାରଣ ଭାବେ ସେମାନଙ୍କୁ ରିଜସ୍, **ଜୁରିୟାତେ ଶୈତାନ୍** (ଶୈତାନର ବଂଶଧର) ଓ ଅପବିତ୍ର ଅଭିହିତ କଲ । ମୁଁ ତୁମର ମଙ୍ଗଳ କାମନା କରି କହୁଛି; ନିଜ ଜିଭକୁ ନିୟନ୍ତ୍ରଣରେ ରଖ ଓ ଏପରି କଥନରୁ କ୍ଷାନ୍ତ ରୁହ । ନଚେତ୍ ମୋର ଏହି ସମ୍ପ୍ରଦାୟ ସହ ମୁକାବିଲା କରିବାର ସାମର୍ଥ୍ୟ

ନାହିଁ । ଏହାର ଉତ୍ତରରେ ହୁଜୁର[ସ.ଅ] କହିଲେ; ହେ ମୋର ଚଚା ! ଏହା କୌଣସି କଠୋର ବାକ୍ୟ କିମ୍ବା ଗାଳି ନୁହେଁ, ବରଂ ସତ୍ୟର ପରିପ୍ରକାଶ । ଏହି କାମ ପାଇଁ ହିଁ ମୁଁ ପ୍ରେରିତ, ଯଦି ଏହି କାରଣରୁ ମୋତେ ମୃତ୍ୟୁର ସାମନା କରିବାକୁ ପଡେ ତେବେ ମୁଁ ସ୍ୱଇଚ୍ଛାରେ ଏପରି ମୃତ୍ୟୁକୁ ଗ୍ରହଣ କରୁଛି । ମୋର ଜୀବନ ଏହି ମାର୍ଗରେ ଉତ୍ସର୍ଗୀକୃତ । ମୁଁ ମୃତ୍ୟୁ ଭୟରେ ସତ୍ୟ ପ୍ରକାଶ କରିବାରୁ ନିବୃତ୍ତ ରହିପାରିବି ନାହିଁ । ହେ ମୋର ଚଚା ! ଯଦି ଆପଣଙ୍କୁ ନିଜର ଦୁର୍ବଳତା ଓ ନିଜ କଷ୍ଟର ଚିନ୍ତା ଅଛି, ତେବେ ଆପଣ ମୋତେ ଆଶ୍ରୟ ଦେବାରୁ ଓହରିଯାନ୍ତୁ । ଅଲ୍ଲାଃଙ୍କ ରାଣ ! ମୋତେ ଆପଣଙ୍କର କୌଣସି ପ୍ରୟୋଜନ ନାହିଁ । **ମୁଁ ଈଶ୍ୱରଙ୍କ ଆଦେଶ ପହଞ୍ଚାଇବାରୁ କଦାପି ରୋକିବି ନାହିଁ** । ମୋତେ ମୋର ପ୍ରଭୁଙ୍କ ଆଦେଶ ନିଜ ପ୍ରାଣ ଠାରୁ ଅଧିକ ପ୍ରିୟ । ଅଲ୍ଲାଃଙ୍କ ରାଣ ! ଯଦି ମୁଁ ଏହି ମାର୍ଗରେ ମରିଯାଏ ତେବେ ମୁଁ ଚାହିଁବି ଯେ ବାରମ୍ବାର ଜୀବିତ ହୋଇ ସର୍ବଦା ଏହି ମାର୍ଗରେ ପ୍ରାଣ ତ୍ୟାଗ କରେ । ଏହା ଭୟର ସ୍ଥାନ ନୁହେଁ, ବରଂ ତାଙ୍କ ମାର୍ଗରେ କଷ୍ଟ ସହିବାରେ ମୋତେ ଅସୀମ ଓ ପରମ ଆନନ୍ଦ ମିଳିଥାଏ ।

ଏହି ଭାଷଣ ଦେଉଥିବା ସମୟରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଚେହେରାରେ ସତ୍ୟତା ତଥା ଦିବ୍ୟ ଜ୍ୟୋତିରେ ପରିପୂର୍ଣ୍ଣ ଆବେଗ ସ୍ପଷ୍ଟ ଦୃଶ୍ୟମାନ ଥିଲା । ଯେତେବେଳେ ହୁଜୁର[ସ.ଅ] ଏହି ଭାଷଣ ଶେଷ କଲେ ସେତେବେଳେ ସତ୍ୟର ଆଲୋକ ଦେଖି ଅବୁ ତାଲିବ୍‌ଙ୍କ ନୟନରୁ ସତଃପ୍ରବୃତ୍ତ ଭାବେ ଲୁହ ବହିପଡିଲା । ସେ କହିଲେ; ମୁଁ ତୁମର ଏହି ଉଚ୍ଚ ଆଧ୍ୟାତ୍ମିକ ସ୍ଥିତି ବିଷୟରେ ଅଜ୍ଞ ଥିଲି । ତୁମେ ତ ଏକ ଭିନ୍ନ, ଅଲୌକିକ ଓ ମର୍ଯ୍ୟାଦାପୂର୍ଣ୍ଣ ରୂପରେ ଦୃଶ୍ୟମାନ ହେଉଛ । ନିଜ କାମରେ ଲାଗିରୁହ ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି, ମୋର ଯେତେ ଶକ୍ତି ଅଛି, ମୁଁ ତୁମର ସମର୍ଥନ କରିବି । ସେହିପରି ତାଇଫ୍‌ରୁ ଫେରିବା ସମୟରେ ହୁଜୁର[ସ.ଅ]ଙ୍କ **ତଓ୍ୱକ୍କୁଲ୍‌**ର ଗୋଟିଏ ଘଟଣା ରହିଛି । ହୁଜୁର[ସ.ଅ] ଏକାକୀ ତାଇଫ୍‌ର ସର୍ଦ୍ଦାରମାନଙ୍କୁ ଇସଲାମ ଧର୍ମ ପ୍ରତି ଡାକରା ଦେବା ପାଇଁ ବାହାରିଗଲେ । କିନ୍ତୁ ସେମାନେ ଅତ୍ୟାଚାରର ସୀମା ପାର କରିଦେଲେ । ଫେରିବା ସମୟରେ ପ୍ରକାଶ୍ୟରେ ତ ମକ୍କାରେ ପ୍ରବେଶ କରିବାର କୌଣସି ଉପାୟ ନଥିଲା । ଜଣେ ସେବକ ମହାଭାଗଙ୍କ ସାଙ୍ଗରେ ଥିଲେ ଓ ତାଙ୍କୁ ଭାଳେଣି ପଡିଲା ଯେ ଏବେ କ'ଣ ହେବ ? କିନ୍ତୁ ମହାଭାଗଙ୍କର ନିଜର ପାଳନକର୍ତ୍ତା ଉପରେ ପୂର୍ଣ୍ଣ ବିଶ୍ୱାସ ଓ **ତଓ୍ୱକ୍କୁଲ୍** ଥିଲା ।

ଏହାର ବର୍ଣ୍ଣନା କରି ସେହି ସେବକ ହଜରତ ଜୈଦ୍ ବିନ୍ ହାରିସା[ର.ଅ] ବର୍ଣ୍ଣନା କରନ୍ତି; ଯେତେବେଳେ ମୁଁ ମହାଭାଗଙ୍କ ସେବାରେ ନିବେଦନ କଲି ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଏବେ ମହାଭାଗ ମକ୍କାରେ କିପରି ପ୍ରବେଶ କରିବେ ଯେତେବେଳେ କି ସେମାନେ ଆପଣଙ୍କୁ ବିତାଡ଼ିତ କରି ଦେଇଛନ୍ତି ? ସେତେବେଳେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କିପରି ବଳିଷ୍ଠ ଓ ପୂର୍ଣ୍ଣ **ତଓ୍ୱକ୍କୁଲ୍‌**ରେ ଉତ୍ତର ଦେଲେ, ହେ ଜୈଦ୍ ! ତୁମେ ଦେଖିବ ଅଲ୍ଲାଃତାଲା ଅବଶ୍ୟ କୌଣସି ବାଟ ବାହାର କରିଦେବେ । ଐଶ୍ୱର୍ଯ୍ୟମୟ ଅଲ୍ଲାଃ ନିଜ ଧର୍ମର ସ୍ୱୟଂ ସାହାଯ୍ୟକାରୀ । ସେ ନିଜ ନବୀଙ୍କୁ ନିଶ୍ଚୟ ବିଜୟ କରି ଦେଖାଇବେ । ଅତଏବ ପୁଣ୍ୟ ଅବତାର କୁରୈଶ୍‌ର ସର୍ଦ୍ଦାରମାନଙ୍କ ପାଖକୁ ସନ୍ଦେଶ ପଠାଇଲେ ଯେ ସେମାନେ ମହାଭାଗଙ୍କୁ ନିଜ ଆଶ୍ରୟରେ ନେଇ ମକ୍କାରେ ପ୍ରବେଶ କରିବାର ବ୍ୟବସ୍ଥା କରନ୍ତୁ । କିନ୍ତୁ ସମସ୍ତ ସର୍ଦ୍ଦାରଗଣ ମନା କରିଦେଲେ । ଶେଷରେ ଜଣେ ସଦାଚାରୀ ଓ ମହାନୁଭବୀ ସର୍ଦ୍ଦାର ମୁତଇମ୍ ବିନ୍ ଅଦୀ ମହାଭାଗଙ୍କୁ ନିଜ ଆଶ୍ରୟରେ ମକ୍କାରେ ପ୍ରବେଶ କରାଇବାର ଘୋଷଣା କଲେ ।

**ହିଜରତ୍** (ଦେଶାନ୍ତର ଗମନ) ସମୟରେ ଅଲ୍ଲାଃଙ୍କ ଉପରେ **ତଓ୍ୱକ୍କୁଲ୍‌**ର ନମୁନା କ'ଣ ଥିଲା? ହୁଜୁର[ସ.ଅ]ଙ୍କୁ ଯେତେବେଳେ **ହିଜରତ୍**ର ଅନୁମତି ମିଳିଲା ସେତେବେଳେ ହୁଜୁର[ସ.ଅ] ହଜରତ ଅଲୀ[ର.ଅ]ଙ୍କୁ ନିଜ **ହିଜରତ୍** ସଂକ୍ରାନ୍ତରେ ସୂଚିତ କଲେ । ଆଉ ତାଙ୍କୁ ଏକ ଆତ୍ମ ବଳିଦାନ ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କଲେ, ଯେ ଆଜି ରାତିରେ ସେ ହିଁ ହୁଜୁର[ସ.ଅ]ଙ୍କ ପବିତ୍ର ବିଛଣାରେ ଶୟନ କରିବେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ସେ ନାଲି ରଙ୍ଗର 'ହଜରମୀ' ଚଦର ଘୋଡ଼ି ହୋଇ ଶୋଇଲେ, ଯାହା ନବୀ କରିମ୍[ସ.ଅ] ସ୍ୱୟଂ ଘୋଡ଼ି ହୋଇ ଶୋଉଥିଲେ । ନିଜର ଏହି ପ୍ରାଣବଳିଦାନକାରୀ ସେବକଙ୍କୁ ଐଶ୍ୱରୀୟ ସାହାଯ୍ୟର ଆଶ୍ୱାସନା ଦେଇ ହୁଜୁର[ସ.ଅ] କହିଲେ; ଚିନ୍ତା କର ନାହିଁ ଓ ଶାନ୍ତିରେ ମୋ ବିଛଣାରେ ଶୋଇ ରହିବ । ଶତ୍ରୁ ତୁମର ଗୋଟିଏ ବାଳ ବି ବଙ୍କା କରିପାରିବ ନାହିଁ । ଏଥିଅନ୍ତେ ପୁଣ୍ୟଶ୍ଳୋକ ନିଜ ଘରୁ ବାହାରି ଆସିଲେ ସେତେବେଳେ ମକ୍କାରେ ଅମାନ୍ୟକାରୀଙ୍କ ପ୍ରମୁଖ ଯୋଦ୍ଧାମାନେ ଯାହାଙ୍କ ଆଖିରେ ଯେପରି ରକ୍ତ ଓହ୍ଲାଇ ଆସିଥିଲା, ହାତରେ ଖଣ୍ଡା ଧରି ହୁଜୁର[ସ.ଅ]ଙ୍କ ଘର ବାହାରେ ସଜାଗ ସତର୍କ ହୋଇ ପହରା ଦେଉଥିଲେ । ଆଉ ସେମାନଙ୍କର

ଯୋଜନା ଥିଲା ଯେ ଯେମିତି ମଧ୍ୟରାତ୍ରି ହେବ ଓ ଆମେ ଆକ୍ରମଣ କରି ଗୋଟିଏ ପ୍ରହାରରେ ମୁହମ୍ମଦ[ସ.ଅ]ଙ୍କ କାମ ଶେଷ କରିଦେବୁ । **ନଊଜୁବିଲ୍ଲାଃ** । ଅବୁ ଜହଲ୍ ଯିଏ ସେମାନଙ୍କର ନେତୃତ୍ୱ ନେଇଥିଲା, ଅତ୍ୟନ୍ତ ଅହଂକାର ଓ ତାଚ୍ଛଲ୍ୟ କରି କହୁଥିଲା, ମୁହମ୍ମଦ କହୁଛନ୍ତି; ଯଦି ତୁମେ ତାଙ୍କ କଥା ମାନିବ ତେବେ ତୁମେ ଆରବ ଓ ଅଜମ୍‌ର ସମ୍ରାଟ ହୋଇଯିବ । ପୁଣି ତୁମ ମୃତ୍ୟୁ ପରେ ଯେତେବେଳେ ତୁମର ପୁନର୍ଉତ୍‌ଥାନ ହେବ ତୁମ ପାଇଁ ଜୋର୍ଡ଼ାନର ବଗିଚା ପରି ବଗିଚା ତିଆରି କରାଯିବ । ଯଦି ତୁମେ ଏପରି ନକରିବ ତେବେ ତୁମ ମଧ୍ୟରେ ହଣାକଟା ଓ ଉପଦ୍ରବ ବଢ଼ି ଚାଲିବ । ହୁଜୁର[ସ.ଅ] ବାହାରକୁ ଆସିଲେ ଓ କହିଲେ; ହଁ ମୁଁ ଏହିପରି ହିଁ କହୁଛି, ତହୁଁ ମହାଭାଗ ସୁରଃ ୟାସିନ୍‌ର ୨ ରୁ ୧୦ଆୟତ ପର୍ଯ୍ୟନ୍ତ ପାଠ କରି ସେମାନଙ୍କର ମୁଣ୍ଡ ଉପରେ ଧୂଳି ପକାଇ ସେମାନଙ୍କ ସାମ୍ନାରୁ ଚାଲିଗଲେ । କିନ୍ତୁ ଈଶ୍ୱରଙ୍କ ନିୟତି ଯେ ମହାଭାଗ ଯିବା ସମୟରେ କେହି ବି ତାଙ୍କୁ ଦେଖିପାରିଲେ ନାହିଁ । ବରଂ ସେହି ଲୋକମାନେ ସମୟ ସମୟରେ ଭିତରକୁ ଚାହିଁ ନିଶ୍ଚିତ ହେଉଥିଲେ ଯେ ମୁହମ୍ମଦ[ସ.ଅ] ନିଜ ବିଛଣାରେ ହିଁ ଅଛନ୍ତି ।

**ଖୁତ୍‌ବା**ର ଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; **ହିଜରତ୍** ଘଟଣା ଓ ହୁଜୁର[ସ.ଅ] **ତଓ୍ୱକୁଲ୍** ତଥା ସାହସର ଉଲ୍ଲେଖ କରି ଯୁଗାବତାର ହଜରତ ମସିହ ମଊଦ[ଅ.ସ] କହିଛନ୍ତି; ହଜରତ ଅବୁବକ୍ର ସିଦ୍ଦିକ୍[ର.ଅ]ଙ୍କ ସତ୍ୟତା ଓ ନିଷ୍ଠା ସେହି ନିଆଁ ଅର୍ଥାତ୍ ଘଡିସନ୍ଧି ସମୟରେ ପ୍ରକାଶ ପାଇଲା ଯେତେବେଳେ ମହାଭାଗଙ୍କୁ ଘେରାଉ କରାଯାଇଥିଲା.. ଏପରି ସ୍ଥିତିରେ ହଜରତ ଅବୁବକ୍ର ସିଦ୍ଦିକ୍[ର.ଅ] ନିଜ ସତ୍ୟତା ଓ ଆନୁଗତ୍ୟର ଯେଉଁ ନମୁନା ଦେଖାଇଲେ, ତାହା ଯୁଗ ଯୁଗ ପାଇଁ ଅବିସ୍ମରଣୀୟ ହୋଇ ରହିବ... । ଦେଖ ଶତ୍ରୁମାନେ ଗୁମ୍ଫା ମୁହାଁଣରେ ଉପସ୍ଥିତ ଅଛନ୍ତି ଏବଂ ବିଭିନ୍ନ ପ୍ରକାରର ଆଲୋଚନା ଚାଲିଛି । କେହି କହୁଛନ୍ତି ଯେ ଏହି ଗୁମ୍ଫାକୁ ସନ୍ଧାନ କର । କାରଣ ପାଦଚିହ୍ନ ଏହି ପର୍ଯ୍ୟନ୍ତ ଆସି ଶେଷ ହୋଇଛି, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ କହୁଛନ୍ତି ଯେ ତାହା ମଧ୍ୟକୁ ଯାତାୟତ କିପରି ହେବ? ବୁଢ଼ିଆଣି ତ ଜାଲ ବୁଣିଛି, ପାରା ଅଣ୍ଡା ଦେଇଛି । ଏହିପରି କଥାବାର୍ତ୍ତାର ଶବ୍ଦ ଭିତରକୁ ଶୁଣାଯାଉଛି । ହୁଜୁର[ସ.ଅ] ବହୁତ ସ୍ପଷ୍ଟ ଭାବେ ସେଗୁଡ଼ିକୁ ଶୁଣୁଛନ୍ତି । ଏପରି ସ୍ଥିତିରେ ଶତ୍ରୁମାନେ ଆସି ପହଞ୍ଚିଛି ଯେ ସେମାନେ ନିହତ କରିଦେବାକୁ ଚାହୁଁଛନ୍ତି । ଆଉ ତାଙ୍କର ହତ୍ୟା କରିବାକୁ ସେମାନେ ପାଗଳପ୍ରାୟ । ଶତ୍ରୁ ମୁଣ୍ଡ ଉପରେ ଥିବା ସତ୍ତ୍ୱେ ମହାଭାଗଙ୍କର ସମ୍ପୂର୍ଣ୍ଣ ସାହସିକତାର ସହିତ ନିଜ ସାଥୀଙ୍କୁ କହୁଛନ୍ତି, لَا تَحْزَنْ إِنَّ اللّٰهَ مَعَنَا ଅର୍ଥାତ୍ ଦୁଃଖ କର ନାହିଁ ମହିମାମୟ ଅଲ୍ଲାଃ ଆମ ସହିତ ଅଛନ୍ତି ।

ଏହି ଶବ୍ଦଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ହୁଜୁର[ସ.ଅ] ନିଜ ମୁଖରୁ ହିଁ କହିଥିଲେ । କାରଣ ଏଥିପାଇଁ ଶବ୍ଦର ଆବଶ୍ୟକତା ଥିଲା । ଇଙ୍ଗିତ କରିଥିଲେ ଚଳି ନଥା'ନ୍ତା । ବାହାରେ ଶତ୍ରୁମାନେ ପରାମର୍ଶ କରୁଛନ୍ତି ଓ ଗୁମ୍ଫା ଭିତରେ ସେବକ ଏବଂ ସ୍ୱାମୀ କଥାବାର୍ତ୍ତାରେ ଲାଗିଛନ୍ତି । ଏହି କଥାର କୌଣସି ଭୂକ୍ଷେପ ନକରି ଯେ ଶତ୍ରୁ ଆମ ସ୍ୱରଶବ୍ଦ ଶୁଣି ନେବେ । ଏହା ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ଓ **ମାରୁଫତ୍** (ପୂର୍ଣ୍ଣଜ୍ଞାନ)ର ଜ୍ୱଳନ୍ତ ପ୍ରମାଣ ଏବଂ ତାଙ୍କ ପ୍ରତିଶୃତି ଉପରେ ଅଖଣ୍ଡ ବିଶ୍ୱାସର ପ୍ରତୀକ । **ଅଲ୍ଲାଃହୁମ୍ମା ସଲ୍ଲେ ଆଲା ମୁହମ୍ମଦିଉଁ ଓ୍ୱବାରିକ୍ ଓ୍ୱସଲ୍ଲିମ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ୍ । ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

11th September 2026

*Translated to Odia by :* Moulavi Anwar Ahmad Khan